## ସଂକ୍ଷେପରେ

### ଗଣେଶ ପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ



ରାମନାଗୁଡା,୪।୯(ସଞ୍ଜୟ ପ୍ରଧାନ)

ରାମନାଗୁଡା ବ୍ଲକ ବସଷ୍ଟାଣ୍ଡ ପଡିଆଠାରେ ସୋମବାର ଗଣେଶ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଏଥିରେ ଇପିଲି ସାଇ କୁମାର କର୍ତ୍ତା ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ପୂଜକ ଶ୍ୟାମଲେନ୍ଦୁ ପାଢୀ ପୂଜାର୍ଚ୍ଚନା କରିବା ପରେ ଶୁଭ କଳସ ସ୍ଥାପନ କରିଥିଲେ। ପରେ ବସଷ୍ଟାଣ୍ଡ ନିକଟରେ ଥିବା ଉକ୍ତ ପଡିଆକୁ ଜେସିବି ମେଶିନ ସହାୟତାରେ ସଫେଇ କରାଯାଇଥିଲା। ଚଳିତ ବର୍ଷ ୧୨ଫୁଟ ଉଚ୍ଚ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରାଯିବା ସହ ଆକର୍ଷଣୀୟ ତୋରଣ କରାଯିବାକୁ ପୂଜା କମିଟି ପକ୍ଷରୁ ସୂଚନା ମିଳିଛି। ଏଥିରେ କମିଟି ପକ୍ଷରୁ ପି ଅରୁଣ କୁମାର, ସୂର୍ଯ୍ୟକାନ୍ତ ରତ୍ନାଲୁ, ବି.ଟି.ଭି ମାଣିକାଣ୍ଟା, ପି ସତିଶ କୁମାର, ଶ୍ରୀକାନ୍ତ ରତ୍ନାଲୁ, ଏ ଅନିମେଶ, ରାଧାକାନ୍ତ ସ୍ୱାଇଁ,ସୁଧୀର ମିଶାଲ ପ୍ରମୁଖ ଉପସ୍ଥିତ ଥିଲେ।

### ଆବାସ ଯୋଜନାରେ ନିର୍ମାଣାଧୀନ ଘର ବୁଲି ଦେଖିଲେ ବିଡିଓ



ଗୁଡ଼ାରି,୪।୯ (ପ୍ରମୋଦ କୁମାର ପତି)

ଗୁଡ଼ାରି ବିଡିଓ ଅନିଶା ଦାସ ସୋମବାର ଅସଡ଼ା ଗ୍ରାମ ପଞ୍ଚାୟତର ଜାନକିପେଟା, ସିଲିମି ଓ ଡୁମ୍ବାଗୁଡ଼ା ଗ୍ରାମରେ ଆବାସ ଯୋଜନାରେ ନିର୍ମାଣାଧୀନ ଗୃହ ବୁଲି ଦେଖିଥିଲେ। ଏହି୩ଗ୍ରାମର ହିତାଧିକାରୀଙ୍କ ଗୃହ ବୁଲି ଦେଖିବା ପରେ ୨ଟି ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ସେମାନଙ୍କ ଫାଇନାଲ୍ ବିଲ୍ କରିବା ନିମନ୍ତେ ସେ କହିବା ସହ ଅନ୍ୟ ଉପଭୋକ୍ତାଙ୍କୁ ଖୁବ୍‌ଶୀଘ୍ର କାର୍ଯ୍ୟ ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅସଡ଼ା ଜିଆର୍‌ଏସ୍ ରାମ ଗମାଙ୍ଗ ଉପସ୍ଥିତ ଥିଲେ।

### ୨ ବାଇକ୍ ମଧ୍ୟରେ ଧକ୍କା, ଜଣେ ମୃତ

ଗୁଣପୁର,୪।୯ (ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁର ସେବା ସମାଜ ନିକଟରେ ସୋମବାର ଦୁଇ ବାଇକ ମଧ୍ୟରେ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ଦୁଇ ଆହତଙ୍କୁ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ରାମନାଗୁଡା ଥାନା ଅଧୀନ ବାଡିଡି ଗ୍ରାମର ରଇଦାଶ ଶବର। ଗୁରୁତର ହେଲେ ପାତିଲି ଗ୍ରାମର ଲାଲୁ ଶବର ଏବଂ ଏଲ. ଶବର। ଦୁର୍ଘଟଣା ପରେ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ସେଠାରେ ରଇଦାସଙ୍କ ମୃତ୍ୟୁ ହୋଇଥିଲା।

# ଅଭିଯୋଗ ନ କଲେ ମିଳୁନି ଭତ୍ତା

### ୮ ମାସ ହେଲା ଭତ୍ତା ନ ପାଇ ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ

ରାୟଗଡ଼ା,୪।୯(ଆଶିଷ ରଞ୍ଜନ ପଣ୍ଡା)



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ହିତାଧିକାରୀମାନେ।

ରାଜ୍ୟ ସରକାର ବାର୍ଦ୍ଧକ୍ୟ ଭତ୍ତା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହିତାଧିକାରୀମାନେ କିଭଳି ଠିକ୍ ସମୟରେ ଭତ୍ତା ପାଇପାରିବେ ସେଥିପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ରହିଛି। ହେଲେ ଅନେକ ସମୟରେ ଗ୍ରାମାଞ୍ଚଳରେ ବୃଦ୍ଧାବୃଦ୍ଧ ଭତ୍ତା ଟଙ୍କା ନ ପାଇ ଅନେକ ହଇରାଣ ହେଉଥିବା ଦେଖିବାକୁ ମିଳୁଛି । ପରିଣତ ବୟସରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ନ କଲେ ଭତ୍ତା ମିଳୁ ନ ଥିବା ହିତାଧିକାରୀମାନେ ଦୁଃଖର ସହ କହିଛନ୍ତି।

ଠିକ୍ ସମୟରେ ଭତ୍ତା ମିଳୁ ନ ଥିବା ନେଇ ଜିଲା ସଦର ବ୍ଲକଠାରୁ ଆରମ୍ଭ କରି ସମସ୍ତ ବ୍ଲକରେ ପ୍ରତି ମାସରେ ପୁଳା ପୁଳା ଅଭିଯୋଗ ଆସୁଛି। ଗତ ଦିନରେ ରାୟଗଡ଼ା ବ୍ଲକ ଓ କଲ୍ୟାଣସିଂହପୁର ବ୍ଲକ ଅଞ୍ଚଳର କେତେକ ହିତାଧିକାରୀ ବାର୍ଦ୍ଧକ୍ୟ ଭତ୍ତା ସମସ୍ୟା ନେଇ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ପକ୍ଷରୁ ତୃଣମୂଳସ୍ତରରେ ଏହି ସମସ୍ୟା ଦୂର ନ ହେବାରୁ ସୋମବାର କୋଲନରା ବ୍ଲକର ବହୁ ବୃଦ୍ଧାବୃଦ୍ଧ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଖେଦାପଡା ଗ୍ରାମପଞ୍ଚାୟତର ଦେଓପୁର ଗ୍ରାମର ଦାୟିମା ହିକକା, ନାରୀ କାଡ୍ରାକା, ବୁଟି କାଡ୍ରାକା, ମାଣିକ ହୁଇକା, କାମଲାମଣି ସାରକା, ଭାନୁମତି ସାମଲ, ସୁବର୍ଣ୍ଣ କୌଶଲ୍ୟା ଗତ ୮ମାସ ହେଲାଣି ବାର୍ଦ୍ଧକ୍ୟ ଭତ୍ତା ପାଇ ନ ଥିବାବେଳେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିଲେ ବ୍ଲକକୁ ଯାଇ ଯୋଗାଯୋଗ କର ବୋଲି କହୁଛନ୍ତି। ଆଉ ବ୍ଲକରେ ବିଡିଓ ଓ ବିଏସଏସଓ ଅଧିକାରୀଙ୍କୁ ଭେଟି ପଚାରିଲେ ତୁମ ବ୍ୟାଙ୍କ ଜମାଖାତାରେ ପଠାଇ ଦିଆଯାଇଛି ବୋଲି କହୁଛନ୍ତି। ହେଲେ ଆମେ ବାରମ୍ବାର ଜମା ଖାତାକୁ ଅପଡେଟ କଲେ ମଧ ଭତ୍ତା ଟଙ୍କା ଆସି ନ ଥିବା ହିତାଧିକାରୀମାନେ କହିଛନ୍ତି । ତେଣୁ ବାଧ ହୋଇ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆସି ଅଭିଯୋଗ କରିଥିବା କହିଛନ୍ତି। ସେହିପରି କୋଲନରା ବ୍ଲକର ଡୁମୁରିଗୁଡା ଗ୍ରାମପଞ୍ଚାୟତର ଗୋପୀକାଙ୍କୁବାଡି ଓ ସାନ୍ତା ବାଡ଼ିଗାଁ ଗ୍ରାମର ହିତାଧିକାରୀ ବନମାଳୀ ହିକକା,ହାସ ହିକକା, ପୁନାଇ ହିକକା, ଡମ୍ବାଇ କାଡ୍ରାକା, ପୁଲୁ କାଡ୍ରାକା, ଡିକ କାଡ୍ରାକା ଓ ଜିଓମା ହୁଇକା ପ୍ରମୁଖ ଜିଲାପାଳଙ୍କୁ ଭେଟି ଭତ୍ତା ଟଙ୍କା ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି । ଭତ୍ତା ଟଙ୍କା ମିଳୁ ନ ଥିବାରୁ ଘର ଚଳିବାଠାରୁ ଆରମ୍ଭ କରି ଆବଶ୍ୟକ ମେଡ଼ିସିନ ଖର୍ଚ୍ଚ ପାଇଁ ଧାରକରଜ କରି ଚଳୁଥିବା ହିତାଧିକାରୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲାପାଳ ସ୍ୱାଧାଦେବ ସିଂ ସେମାନଙ୍କ ଅଭିଯୋଗ ଶୁଣି ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏହାର କାରଣ ପଚାରିବା ସହ ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ବନମାଳୀ ହିକ୍‌କା ନାମକ ଜଣେ ବୃଦ୍ଧ ୧୬ମାସ ହେଲାଣି ଭତ୍ତା ପାଇ ନ ଥିବା ଦୁଃଖର ସହ କହିଛନ୍ତି। ଏହି ସମସ୍ୟା ଜିଲାର ପ୍ରତି ବ୍ଲକରେ ଲାଗି ରହିଥିବାରୁ ଏ ନେଇ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# କଲେଜରେ ୫-ଟି କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କଲେ ବିଡିଓ

ଗୁଡ଼ାରି,୪।୯(ପ୍ରମୋଦ କୁମାର ପତି)

ଗୁଡ଼ାରିସ୍ଥିତ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ପରିସରରେ ୫-ଟି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ସୋମବାର ଗୁଡ଼ାରି ବିଡିଓ ଅନିଶା ଦାସ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୨୫ଲକ୍ଷ ଟଙ୍କା ବିନିମୟରେ ମହାବିଦ୍ୟାଳୟ ପରିସରରେ ଦୁଇଟି ସ୍ମାର୍ଟ କ୍ଲାସ୍ ରୁମ୍ ଏବଂ ଗୋଟିଏ ଇ-ଲାଇବ୍ରେରି ନିର୍ମାଣ ହେବ। ପ୍ରକାଶ ଥାଉକି, ଏଠାରେ ଦୁଇଟି ସ୍ମାର୍ଟ କ୍ଲାସ୍‌ରୁମ୍‌ର ରୂପାନ୍ତରିତ ହେବାକୁ ଥିବା ବେଳେ କେବଳ ଗୋଟିଏ କ୍ଲାସ୍ ରୁମ୍ ଅଛି । ତେଣୁ ଅନ୍ୟ ଏକ କ୍ଲାସ୍‌ରୁମ୍ ନିର୍ମଣ କରାଯିବା ପାଇଁ ଯୋଜନା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ସ୍ଥିତି ଅନୁଧ୍ୟାନ ସମୟରେ ଯନ୍ତ୍ରୀ ପି. ମୋହନ ରାଓ ପାତ୍ର, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ମିଶନ ଶକ୍ତି ମାନସ ବାରିକ ଓ ମହାବିଦ୍ୟାଳୟର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଗୁଡ଼ାରି ବ୍ଲକର ଏକମାତ୍ର ସ୍ନାତକ ମହାବିଦ୍ୟାଳୟରେ ୫-ଟି କାର୍ଯ୍ୟ ସମ୍ପାଦନ ହେଲେ ଛାତ୍ରୀଛାତ୍ର ନିଶ୍ଚିତ ଭାବେ ଉପକୃତ ହେବେ ବୋଲି କୁହାଯାଉଛି।

# ମା’ ଗୃହ ଉଦ୍‌ଘାଟନ କଲେ ବିଧାୟକ

ରାମନାଗୁଡା,୪।୯(ସଞ୍ଜୟ ପ୍ରଧାନ)

ରାମନାଗୁଡା ବ୍ଲକସ୍ଥିତ ଏସବିଆଇ ଏଟିଏମ ପାର୍ଶ୍ୱରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଗର୍ଭବତୀ ମହିଳାଙ୍କ ଯତ୍ନ ଓ ନିରାପଦ ମାତୃତ୍ୱ ନିମନ୍ତେ ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆଲିଶା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ପରିଚାଳିତ ମା’ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ସଂଗଠନର ସଭାନେତ୍ରୀ ବାସନ୍ତୀ ମହାପାତ୍ର ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମା’ ଗୃହ ଉଦ୍‌ଘାଟନ କରିଥିଲେ। ଯେଉଁ ଗର୍ଭବତୀଙ୍କ ଘର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ବହୁତ ଦୂର ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ନିମନ୍ତେ ଗମନାଗମନର ବ୍ୟବସ୍ଥା ନାହିଁ, ସେଭଳି ଗ୍ରାମର ଗର୍ଭବତୀଙ୍କ ପ୍ରସବକାଳୀନ ତାରିଖର ୭ ଦିନ କିମ୍ବା ୧୦ଦିନ ପୂର୍ବରୁ ମା’ ଗୃହରେ ଥଇଥାନ କରାଯିବ। ସେମାନଙ୍କ ପ୍ରସବ ତାରିଖ ଆସିବା ପରେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ସହ ପ୍ରସବ କରାଇ ଘରେ ଛଡା ଯାଇଥାଏ। ଏହି କାର୍ଯ୍ୟକ୍ରମରେ ରାମନାଗୁଡା ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ, ବ୍ଲକ ଅଧକ୍ଷ ରବି ଗମାଙ୍ଗ, ପରିଖିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବିରିକା, ସମିତି ସଭ୍ୟ କମଲଲୋଚନ ମୁଟିକା, ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକା, ଜିଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ସୁରେଶ ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ, ଡିଏମ ଭଗବାନ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଆଲିଶା ସଂସ୍ଥାର ଫାଇନାନ୍ସ ମ୍ୟାନେଜର ନୃସିଂହନାଥ ମହାପାତ୍ର, ସିସିଏ ଉଷାବତୀ ଶବର, ମହିଳା ସ୍ୱାସ୍ଥ୍ୟକର୍ମୀ ନମିତା ମାଣ୍ଡାଙ୍ଗି, କୋଅର୍ଡିନେଟର ଜାନକୀ ଗମାଙ୍ଗ ପ୍ରମୁଖ ଦାୟିତ୍ୱରେ ରହି ପ୍ରତ୍ୟେକ ଦିନ ମା’ ଗୃହରେ ରହୁଥିବା ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କର ଖାଦ୍ୟପେୟର ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ଉକ୍ତ ସଂସ୍ଥାର ସଭାନେତ୍ରୀ ମହାପାତ୍ର କହିଛନ୍ତି ।



ମା’ ଗୃହ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକଙ୍କ ସହ ଅନ୍ୟମାନେ।

# ମିଟ୍‌ସ ଗ୍ରୁପ, ସିଏସି ଏକାଡେମୀ ମଧ୍ୟରେ ୩ ଚୁକ୍ତିନାମା

ରାୟଗଡ଼ା,୪।୯ (ଆଶିଷ ରଞ୍ଜନ ପଣ୍ଡା)



ମିଟ୍‌ସ ଗ୍ରୁପ ଓ ସିଏସି ଏକାଡେମୀ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର କରାଯାଉଛି ।

ରାୟଗଡ଼ା ଜିଲା କୋଲନରା ବ୍ଲକ ଭୁଜବଲସ୍ଥିତ ମଝିଘରିଆଣି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି ଆଣ୍ଡ ସାଇନ୍ସ (ମିଟ୍‌ସ) ଓ କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ପରିଚାଳିତ ସିଏସି ଏକାଡେମୀ ସହିତ ସୋମବାର ୩ଟି ଏମଓୟୁ ସ୍ୱାକ୍ଷର ହୋଇଛି । ମିଟ୍‌ସ କଲେଜର ନିର୍ଦ୍ଦେଶକ ଡ. ସି.ଭି.ଗୋପୀନାଥ ଏବଂ ସିଏସସି ଏକାଡେମୀ ଲର୍ନିଂ କନସଲଟାଣ୍ଟ ରାମମୋହନ ରାଓଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏଥିରେ ଇନଫୋସିସ ସ୍ପ୍ରିଙ୍ଗବୋର୍ଡ଼, ସି-ଡେକ୍ ଦ୍ୱାରା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗ ପାଇଁ ଆଇଓଟି ଟେକ୍ନୋଲୋଜି ଏବଂ ଜାତୀୟ ଡିଜିଟାଲ ସାକ୍ଷରତା ମିଶନ ଭଳି ୩ଟି ଚୁକ୍ତିନାମା ରହିଛି। ମିଟସ ଗ୍ରୁପ ଅଧକ୍ଷ ଡ.ବାଳକୃଷ୍ଣ ପଣ୍ଡା, ଉପାଧକ୍ଷ ବିଶ୍ୱଜିତ ପଣ୍ଡା ଏବଂ ପ୍ରଫେସର ରାମାନୁଜ ନାୟକଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ହୋଇଥିଲା। ଚୁକ୍ତିନାମା ସ୍ୱାକ୍ଷର ପରେ ସିଏସସି ଏକାଡେମୀରେ ମିଟସ୍, ଏମଆଇପିଏସ ଓ ଏମଆଇଟିସିର ସମସ୍ତ ପ୍ରଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ନାମ ଅନବୋର୍ଡ଼ିଂ ହୋଇଥିଲା। ଏହିଭଳି ପଦକ୍ଷେପ ନେବାରେ ମିଟସ ଗ୍ରୁପ ଓଡ଼ିଶାର ପ୍ରଥମ ଅନୁଷ୍ଠାନ ବୋଲି ସିଏସସି ଏକାଡେମୀ ଲର୍ନିଂ କନସଲଟାଣ୍ଟ ରାମମୋହନ ରାଓ କହିଛନ୍ତି। ଆଗାମୀ ଦିନରେ ଅଞ୍ଚଳରେ ଶିକ୍ଷାର ବିକାଶ ସହିତ ସ୍ୱାବଲମ୍ବୀ ହେବା ଛାତ୍ରୀଛାତ୍ରଙ୍କୁ ବିଶେଷ ଲାଭଦାୟକ ହେବ ବୋଲି ମିଟ୍‌ସ ଗ୍ରୁପ ଉପାଧକ୍ଷ ବିଶ୍ୱଜିତ ପଣ୍ଡା କହିଛନ୍ତି ।

# ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୪।୯ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଭାତ କୁମାର ରାଜଗୁରୁ ସୋମବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତ ପୋଲସରା ଅଞ୍ଚଳର ସାଗର ସ୍ୱାଇଁଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସାଗର ଜନୈକା ୧୬ବର୍ଷର ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରତଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରିକି ନାବାଳିକାଙ୍କ ଇଚ୍ଛା ବିରୋଧରେ ତାଙ୍କୁ ସେ ବାରମ୍ବାର ବଳାତ୍କାର କରିଥିଲେ। ଏନେଇ ପୀଡ଼ିତାଙ୍କ ବାପା ପୋଲସରା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୪୬/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ପୀଡ଼ିତାଙ୍କ ବୟାନ ଆଧାରରେ ସାଗରଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିଛିମାସ ପରେ ସେ ଜାମିନ ପାଇଥିଲେ। କୋର୍ଟରେ ଉକ୍ତ ମାମଲାର ବିଚାର ବେଳେ ସେ ହାଜର ହୋଇ ନ ଥିଲେ। କୋର୍ଟ ସାଗରଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରିଥିଲା। ପୋଲିସ ୱାରେଣ୍ଟ ବଳରେ ସାଗରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ୩ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ରାୟ ପ୍ରକାଶ ବେଳେ ଜେଲରେ ଥିବା ସାଗରଙ୍କୁ କଡା ସୁରକ୍ଷାରେ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜଜ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସଂଗ୍ରାମ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ତହସିଲଦାରଙ୍କ ଉପସ୍ଥିତିରେ ବି ଚିହ୍ନଟ ହୋଇପାରିଲାନି ସୀମା

### ଡୁଟୁନି ୨ ଗ୍ରାମ ମଧ୍ୟରେ ଥିବା ସୀମା ବିବାଦ

ଗୁଡ଼ାରି,୪।୯ (ପ୍ରମୋଦ କୁମାର ପତି)

ଗୁଡ଼ାରି ତହସିଲ ଅନ୍ତର୍ଗତ ମେଟୁଖିଲିଙ୍ଗୀ ରାଇ ରାଜସ୍ୱ ବିଭାଗର ୨ ଗ୍ରାମ ନିଲାଗୁଡ଼ା ଓ ମକାଗୁଡ଼ା ଗ୍ରାମର ସୀମା ବିବାଦ ଡୁଟୁନି। ସୀମା ଚିହ୍ନଟ ନିମନ୍ତେ ସୋମବାର ତହସିଲଦାର ଭାରତୀ ଦେବୀଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟ ଗ୍ରାମ ସୀମାରେ ପହଞ୍ଚିଥିଲେ। ତହସିଲଦାର ତଥା ମାଜିଷ୍ଟ୍ରେଟ ଭାରତୀ ଦେବୀ, କଦମା ସରପଞ୍ଚ ରାମ ମୁତରଙ୍ଗା ଓ ଏମ୍‌କେ ରାଇ ସରପଞ୍ଚ ତେୟାର ଗ୍ରାସମୀ ଶବର ଏବଂ ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ କରିଥିଲେ ମଧ ଉଭୟ ଗ୍ରାମବାସୀ ଏଥିରେ ସନ୍ତୁଷ୍ଟ ନ ଥିଲେ। ଉଭୟ ଗ୍ରାମର ସୀମାନ୍ତରେ ସଂରକ୍ଷିତ ଜଙ୍ଗଲ ଥିବାରୁ ଏହି ସୀମା ଚିହ୍ନଟ ପ୍ରକ୍ରିୟାରେ ସମାଧାନ ହୋଇପାରିଲା ନାହିଁ। ଉଭୟ ଗ୍ରାମବାସୀଙ୍କ ଆପୋସ ବୁଝାମଣାରେ ଏହା ସମାଧାନ ହୋଇପାରିବ ବୋଲି ସୂଚନା ମିଳିଛି ।



ତହସିଲଦାର ଉଭୟ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ପ୍ରକାଶ ଥାଉକି, ଏହି ଉଭୟ ଗ୍ରାମର ସୀମା ନିର୍ଦ୍ଧାରଣ ନିମନ୍ତେ ପୂର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅନେକ ଥର ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା ପ୍ରକ୍ରିୟାରେ ଗୁଡ଼ାରି ପୋଲିସ, ଅତିରିକ୍ତ ତହସିଲଦାର ସୁପରଭାଇଜର ପତିତପାବନ ରଥ ମେଟୁଖିଲିଙ୍ଗୀ ରାଇ ରାଜସ୍ୱ ନିରୀକ୍ଷକ କବିତା ବିଡିକା, ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ପତି କ୍ରାସ୍କା, ତହସିଲର ଅନ୍ୟ ରାଜସ୍ୱ କର୍ମଚାରୀ ଓ ଉଭୟ ଗ୍ରାମର ବହୁ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ। ଗୁଡ଼ାରି ଥାନା ପକ୍ଷରୁ ଥାନା ଅଧିକାରୀ ସମର୍ପିତା ସ୍ୱାଇଁଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ପୋଲିସ ବାହିନୀ ମୁତୟନ କରାଯାଇଥିଲା।

# ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



ତ୍ରିବେଣୀ କଲେଜରେ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ।

ପଦ୍ମପୁର,୪।୯ (ପ୍ରଶାନ୍ତ କୁମାର କର)

ପଦ୍ମପୁରର ଏକ ଘରୋଇ ଶିକ୍ଷାନୁଷ୍ଠାନ ତ୍ରିବେଣୀ ଜ୍ଞାନମନ୍ଦିର ପରିସରରେ ଯୁକ୍ତ ୨ ପ୍ରଥମ ବର୍ଷ କଳା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଶବର ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ଜେନା ଯୋଗଦେଇଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରମାନେ କିଭଳି ଉତ୍ତମ ଶିକ୍ଷା ଲାଭ କରିବେ ଏବଂ ସମାଜର ମଙ୍ଗଳ ଓ ଉନ୍ନତିରେ ସହାୟକ ହୋଇପାରିବେ ସେ ସମ୍ପର୍କରେ ବୁଝାଇଥିଲେ। ସେହିପରି ଲାଲୁ ପାଣିଗ୍ରାହୀ, ଗୋପାଳ ସାହୁ, ତ୍ରିପତି ପ୍ରସାଦ ନିଶାଙ୍କ, ଅନନ୍ତ ବେବର୍ତ୍ତା, ରବୀନ୍ଦ୍ରନାଥ ମହାପାତ୍ର ଅନୁଷ୍ଠାନର ପ୍ରତିଷ୍ଠାତା ବିପିନ ବିହାରୀ ଜେନା ପ୍ରମୁଖ ଯୋଗଦେଇ ତ୍ରିବେଣୀର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତ୍ରିବେଣୀ କଲେଜ ଛାତ୍ରୀଛାତ୍ର ଜିଲା ଟପ୍ପର ନୁହେଁ ବରଂ ରାଜ୍ୟ ଟପ୍ପର ହେବାକୁ ପ୍ରୟାସ ଜାରି ରଖିବାକୁ ତ୍ରିପତି ନିଶାଙ୍କ କହିଥିଲେ। ସଭାପତି ସ୍ୱାଗତ ଶେଖର ଜେନା ଶୃଙ୍ଖଳା ତ୍ରିବେଣୀର ମେରୁଦଣ୍ଡ ବୋଲି କହିଥିଲେ। ପ୍ରଶାସନିକ ଅଧିକାରୀ ଅନିତା ମିଶ୍ର ତ୍ରିବେଣୀ କଲେଜ ଉନ୍ନତମାନର ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଥିଲେ ।

# ଶିଶୁପୁତ୍ରର ନାହିଁ ମଳଦ୍ୱାର, ଆର୍ଥିକ ସହାୟତା ଲୋଡ଼ିଲେ ପରିବାର

ରାୟଗଡ଼ା,୪।୯(ଭାଗ୍ୟଶ୍ରୀ ମିଶ୍ର)

୨ ବର୍ଷର ଶିଶୁପୁତ୍ରର ଶରୀରରେ ମଳଦ୍ୱାର ନ ଥିବାରୁ ଯନ୍ତ୍ରଣାରେ ଛଟପଟ ହେଉଛି କୁନି ପୁଅ। ଶିଶୁର ଚିକିତ୍ସା କରାଇବା ପାଇଁ ଅର୍ଥ ସାଜିଛି ବାଧକ। ଏଥିପାଇଁ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଡୁକୁମ ଗ୍ରାମର ଏକ ଦମ୍ପତି। ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ(ସିଏମ୍‌ଆର୍‌ଏଫ୍)ରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଡୁକୁମ ଗ୍ରାମର ଦିବ୍ୟାଙ୍ଗ ଲୁଲିଆ ବିଲାରଙ୍କ ୨ବର୍ଷର ଶିଶୁପୁତ୍ର ଲିଲନଙ୍କର ଜନ୍ମରୁ ମଳଦ୍ୱାର ନ ଥିବାରୁ ପରିବାର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲିଲନ ମଧ ପେଟବ୍ୟଥାକୁ ନେଇ ସବୁ ସମୟରେ ଯନ୍ତ୍ରଣା ଅନୁଭବ କରୁଥିବା ତାଙ୍କ ମା’ କହିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗତ ୨ବର୍ଷ ତଳେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ପ୍ରସବ ଦ୍ୱାରା ଲିଲନ ଜନ୍ମ ଗ୍ରହଣ କରିଥିଲେ । ତେବେ ଲିଲନର ଶରୀରରେ ମଳଦ୍ୱାର ନ ଥିବା ଡାକ୍ତର ଦେଖି ଶିଶୁର ପେଟର ବାମକଡ଼ରେ ମଳ ଯିବା ପାଇଁ ବାଟ ବାହାର କରିଥିଲେ। ଶିଶୁର ବୟସ ବଢୁଥିବାରୁ ଉକ୍ତ ସ୍ଥାନଟି ଧୀରେ ଧୀରେ ବଡ଼ କ୍ଷତରେ ପରିଣତ ହେବାରେ ଲାଗିଛି। ଫଳରେ ଶିଶୁ ଯନ୍ତ୍ରଣାରେ ଛଟପଟ ହେଉଛି। ଅନ୍ୟପକ୍ଷେ ଗରିବ ଦିବ୍ୟାଙ୍ଗ ବାପା ଲୁଲିଆ ପୁଅ ଲିଲନର ଉନ୍ନତମାନର ଚିକିତ୍ସା କରାଇବା ପାଇଁ ଧାରକରଜ କରି ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ଶିଶୁ ଭବନକୁ ନେଇ ଚିକିତ୍ସା କରାଇଥିଲେ। ହେଲେ କୌଣସି ପ୍ରକାର ସୁଫଳ ମିଳି ନ ଥିବା ପରିବାର ଲୋକେ କହିଛନ୍ତି। ପରେ ରାୟଗଡ଼ା ଜିଲା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ ଘଟଣା ସମ୍ପର୍କରେ ଜାଣିବା ପରେ ଶିଶୁକୁ ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଓ ଚିକିତ୍ସା ବ୍ୟବସ୍ଥା କରାଇଦେବାକୁ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଶିଶୁପୁତ୍ର ସହ ବାପା ଓ ମା’ଙ୍କୁ ନେଇ ଆସିଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶିଶୁପୁତ୍ର ସହ ମା’ ବାପା ।

# ପୁରୁଣା ସ୍କୁଲର ଜମି ପଟ୍ଟାଧାରୀଙ୍କୁ ହସ୍ତାନ୍ତର ନ କରିବାକୁ ଦାବି

ରାୟଗଡ଼ା,୪।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ବ୍ଲକର ଦେବଦଳାଠାରେ ଥିବା ପୁରୁଣା ବିଦ୍ୟାଳୟ ଗୃହ ଜମିକୁ ପଟ୍ଟାଧାରୀ ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବା ପାଇଁ ସୋମବାର ଦେବଦଳା ଏବଂ ବାସୁଗୁଡା ଗ୍ରାମର ଅଭିଭାବକମାନେ ଦାବି କରିଛନ୍ତି। ପଟ୍ଟାଧାରୀଙ୍କୁ ଅନ୍ୟତ୍ର ଜମି ହସ୍ତାନ୍ତର କରିବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲାପାଳ ସ୍ୱାଧାଦେବ ସିଂ ଏ ନେଇ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଭାବକଙ୍କ କହିବାନୁସାରେ ପ୍ରାୟ ୫୦ବର୍ଷ ହେଲାଣି ଦେବଦଳା ସ୍କୁଲ ଉକ୍ତ ସ୍ଥାନରେ ଚାଲୁ ଅଛି। ସ୍କୁଲ କୋଠା ନିର୍ମାଣ ହୋଇଥିବା ଜମିଟି ତାଙ୍କର ବୋଲି ଜଣେ ବ୍ୟକ୍ତି ଦାବି କରିବା ସହ ତାଙ୍କ ନାମରେ ଜମି ପଟ୍ଟା ଥିବା କହିଛନ୍ତି। ଫଳରେ ବିଦ୍ୟାଳୟ ଗୃହକୁ ଭଙ୍ଗାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବିଦ୍ୟାଳୟ କୋଠା ଯଦି ଭଙ୍ଗାଯାଏ ତେବେ ଛାତ୍ରୀଛାତ୍ର କେଉଁଠି ପାଠ ପଢିବେ, କେଉଁଠି ବସି ମଧ୍ୟାହ୍ନ ଭୋଜନ କରିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି । ସ୍କୁଲରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ଏମ୍‌ଡିଏମ୍ ଖାଦ୍ୟ ଖାଇ ଉକ୍ତ ସ୍କୁଲରେ ପାଠ ପଢୁଛନ୍ତି। ଏପରିକି ଉକ୍ତ ସ୍କୁଲର ବିଭିନ୍ନ ଶ୍ରେଣୀ ଗୃହ ସରକାରୀ ଅନୁଦାନରେ ନିର୍ମିତ ହୋଇଥିବା ବେଳେ ବାସୁଗୁଡ଼ା ଗ୍ରାମର ଏକ ବେସରକାରୀ ସଂସ୍ଥାର ଅନୁଦାନରେ ମଧ ୪ଟି ନୂତନ ଶ୍ରେଣୀ ଗୃହ ନିର୍ମିତ ହୋଇଛି । ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ପାଠ ପଢ଼ିବାକୁ ସୁବିଧା ହେଉଛି । ତେବେ ଉକ୍ତ ପଟ୍ଟାଧାରୀ ବ୍ୟକ୍ତି ସ୍କୁଲ ନିର୍ମାଣ ସମୟରେ କୌଣସି ଦାବି ନ କରି ବର୍ତ୍ତମାନ କାହିଁକି ଦାବି କରୁଛନ୍ତି ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ଏଥିସହ ଉକ୍ତ ପୁରୁଣା ସ୍କୁଲରେ ଆବଶ୍ୟକୀୟ ଶ୍ରେଣୀଗୃହ ଓ ଅନ୍ୟାନ୍ୟ ଗୃହ ଉପଲବ୍ଧ ରହିଛି। ବର୍ତ୍ତମାନର ନୂତନ ସ୍କୁଲ ଗୃହରେ ୬ଟି କୋଠରି ରହିଥିବା ବେଳେ ୮ଟି ଶ୍ରେଣୀର ପିଲା ବସି ପାଠ ପଢୁଛନ୍ତି । ତେଣୁ ପିଲାମାନଙ୍କ ସୁବିଧା ପାଇଁ ଉକ୍ତ କୋଠାକୁ ନ ଭାଙ୍ଗିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି । ଉକ୍ତ ଜମି ବଦଳରେ ଅନ୍ୟ କୌଣସି ଜମି ତାଙ୍କୁ ଦିଆଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କୁମୁଟିପେଣ୍ଠର ହରି କାଡ୍ରାକା, କିଶୋର ଚନ୍ଦ୍ର ପ୍ରଧାନୀ, ସ୍କୁଲ ସଭାପତି ଉପେନ୍ଦ୍ର ମିଶ୍ର, ସମିତି ସଭ୍ୟ ପାର୍ସା କାଡ୍ରାକା, ସୁରେନ୍ଦ୍ର ପାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଅଭିଭାବକମାନେ।

## ସଂକ୍ଷେପରେ

### ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଲେ ୩ କରାଟେକା



ସୁନାବେଡା/ସେମିଳିଗୁଡା ୪।୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ସେମିଳିଗୁଡାସ୍ଥିତ ଉତ୍କଳ କରାଟେ ସ୍କୁଲର ୩ ଜଣ କରାଟେକା ଓଡ଼ିଶା ସରକାରଙ୍କ ସର୍ବୋଚ୍ଚ ଖେଳ ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପାଇଛନ୍ତି। ସେମାନେ ହେଲେ ଉତ୍କଳ କରାଟେ ସ୍କୁଲର କୋଚ୍ ସେନସେଇ ରାଜେନ୍ଦ୍ର କେଶରୀ ସାମଲଙ୍କଠାରୁ କରାଟେ ଶିଖୁଥିବା ଡାନିଏଲ୍ ଜାନି, ଆକାଂକ୍ଷା ମହାନ୍ତି ଓ ହର୍ଷଦ କୁମାର। ଗତ ୨୦୨୨ ଡିସେମ୍ବରରେ କରାଟେ ଇଣ୍ଡିଆ ଅନୁଷ୍ଠାନ (କିଓ) ପକ୍ଷରୁ ଆୟୋଜିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଏହି କରାଟେକାମାନେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜେତା ହୋଇଥିଲେ। ଅଗଷ୍ଟ ୨୦୨୩ରେ ଭୁବନେଶ୍ୱର ଲୋକ ସଭା ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ କ୍ରୀଡ଼ା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ କରାଟେକାଙ୍କୁ ଖେଳ ସମ୍ମାନ ପ୍ରଦାନ କରିବା ସହ ୩୦, ୨୦ ଓ ୧୩ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ରାଜ୍ୟ କରାଟେ ଆସୋସିଏଶନ ସଭାପତି ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦକ ଡ. ଗୌରୀ ମହାନ୍ତି ଉପସ୍ଥିତ ଥିଲେ।

### ସରକାରଙ୍କ ଯୋଜନାରୁ ବଞ୍ଚିତ ଲୋକଙ୍କୁ ଚିହ୍ନଟ କରିବାକୁ 'ଆସ ଖୋଜିବା' କାର୍ଯ୍ୟକ୍ରମ

ପଟ୍ଟାଙ୍ଗି,୪।୯ (ଶରତ ଧଳ)

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିପରି ଲୋକଙ୍କ ନିକଟରେ ପହଞ୍ଚିବ ସେନେଇ ଏକ ଅଭିଯାନ 'ଆସ ଖୋଜିବା' କାର୍ଯ୍ୟକ୍ରମ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଆରମ୍ଭ କରିବାକୁ ସମସ୍ତ ପ୍ରସ୍ତୁତି ଚାଲିଛି। ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ଉଦ୍ୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅନ୍ତର୍ଭୁକ୍ତ ହେବେ। ବିଡ଼ିଓ ପଟ୍ଟନାୟକ ନବରଙ୍ଗପୁର ଜିଲା କୋଷାଗୁମୁଡା ବିଡ଼ିଓ ଭାବେ କାର୍ଯ୍ୟ କରୁଥିବା ସମୟରେ 'ଆସ ଖୋଜିବା' ଅଭିଯାନ ଆରମ୍ଭ କରି ଅଳ୍ପ ଦିନ ମଧ୍ୟରେ ସରକାରୀ ଯୋଜନାରୁ ବଞ୍ଚିତ ଗ୍ରାମବାସୀଙ୍କୁ ଏକାଠି କରାଇ ପାରିଥିଲେ। ସେହି ପ୍ରୟାସ ପଟ୍ଟାଙ୍ଗି ବ୍ଲକକୁ ବଦଳି ହୋଇ ଆସିବା ପରେ ବିଡିଓ ପଟ୍ଟାନାୟକ ଆରମ୍ଭ କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ଯଥା ମଧୁବାବୁ ଭତ୍ତା, ଆବାସ ଯୋଜନାରେ ପ୍ରଦାନ କରାଯାଉଥିବା ଗୃହ, ଜାତୀୟ ଖାଦ୍ୟ ସୁରକ୍ଷା, ଶିକ୍ଷିତ ଯୁବତୀଯୁବକ ଯୁବତୀଙ୍କୁ ଧନ୍ଦାମୂଳକ ତାଲିମ ଓ ନିଯୁକ୍ତି ନିମନ୍ତେ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା, ବାଲ୍ୟବିବାହ ରୋକିବା ନେଇ ଗ୍ରାମବାସୀଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏସବୁ ଚିହ୍ନଟ ପାଇଁ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଲେଖାଏ ସରକାରୀ କର୍ମଚାରୀ ନିୟୋଜିତ ହେବେ। ବିଡ଼ିଓଙ୍କ ଏହ ପ୍ରୟାସ ଦ୍ୱାରା ସରକାରଙ୍କ ଲୋକାଭିମୁଖୀ ଯୋଜନାରୁ ବଞ୍ଚିତ ଗ୍ରାମବାସୀ ଉପକୃତ ହେବେ ବୋଲି ମତପ୍ରକାଶ ପାଉଛି। ସୂଚନାଯୋଗ୍ୟ, ବ୍ଲକ ପ୍ରଶାସନ ଅଧୀନରେ ୧୪ଟି ପଞ୍ଚାୟତରେ ୧୦୨ଟି ରାଜସ୍ୱ ଗ୍ରାମ ରହିଛି। 'ଆସ ଖୋଜିବା' ପ୍ରୟାସ ସଫଳ ପାଇଁ ୨୦୪ ଜଣ ସରକାରୀ କର୍ମଚାରୀ ନିୟୋଜିତ ହେବେ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

ଜୟପୁର, ୪।୯ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱ ବିଦ୍ୟାଳୟରେ ସୋମବାର ଛାତ୍ର ଅଶାନ୍ତି ଦେଖାଦେଇଛି। ବିଶ୍ୱ ବିଦ୍ୟାଳୟ ପରିସରରେ ଛାତ୍ରମାନେ ଏକାଠି ହୋଇ ପ୍ରଶାସନିକ ଭବନ ନିକଟରେ ପ୍ରତିବାଦ ଜଣାଇଛନ୍ତି। କୁଳସଚିବ ଗୋପାଳ ହାଲଦାର ଛାତ୍ରମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। କୋରାପୁଟ ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରଣୟ ଶର୍ମାଙ୍କ



ଛାତ୍ରମାନେ କୁଳସଚିବ ଗୋପାଳ ହାଲଦାରଙ୍କ ସହ ଆଲୋଚନା କରୁଛନ୍ତି।

ନେତୃତ୍ୱରେ ଛାତ୍ରମାନେ ପ୍ରତିବାଦ ଜଣାଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡିଛି। ଛାତ୍ର ସଂସଦ ନିର୍ବାଚନ କରିବା, ବିଶ୍ୱ ବିଦ୍ୟାଳୟରେ ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ, ଛାତ୍ରମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରିବା, ବିଶ୍ୱବିଦ୍ୟାଳୟରେ କ୍ୟାଣ୍ଟିନ, କନଫରେନ୍ସ ହଲ୍ ଓ ଗାଡି ପାର୍କିଂ ବ୍ୟବସ୍ଥା କରିବା ନେଇ ଛାତ୍ରମାନେ ଦାବି ଜଣାଇଛନ୍ତି। ୭ ଦିନ ଭିତରେ କ୍ୟାଣ୍ଟିନ କାର୍ଯ୍ୟ ଆରମ୍ଭ କରିବ ବୋଲି କୁଳସଚିବ ହାଲଦାର ପ୍ରତିଶ୍ରୁତି ଦେବାରୁ ଛାତ୍ରମାନେ ଶାନ୍ତ ପଡିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ଭାଜପା

କୁନ୍ଦୁରା, ୪।୯ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ କାର୍ଯ୍ୟାଳୟକୁ ସୋମବାର ଭାଜପା କର୍ମକର୍ତ୍ତାମାନେ ଘେରାଉ କରିଥିଲେ। କାର୍ଯ୍ୟରତ ଜିଆରଏସ୍‌ଙ୍କ ମାଧ୍ୟମରେ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏଥିରେ ଓଡ଼ିଶା ବିଧାନସଭା ବିସ୍ତାରକ ସୁଶାନ୍ତ ବଡ଼କୁଅଁର, ଜିଲା ଆଦିବାସୀ ମୋର୍ଚ୍ଚା ସାଧାରଣ ସମ୍ପାଦକ ରୁପୁ ଭତ୍ରା, କୁନ୍ଦୁରା ବ୍ଲକ ପ୍ରଭାରୀ ଶଙ୍କର ମହାନ୍ତି, ଦିଗାପୁର ମଣ୍ଡଳ ସଭାପତି ବଦ୍ରି ଆଚାର୍ଯ୍ୟ, ଦିଗାପୁର ପଞ୍ଚାୟତ ସଭାପତି ପ୍ରଭାକର ପଣ୍ଡା, ଉପ ସଭାପତି ଅଶ୍ୱିନୀ ଚୌଧୁରୀ, ମୋ ମାଟି ମୋ ଦେଶର ସହ ସଂଯୋଜକ ବାଳକୃଷ୍ଣ ମାଝୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ପ୍ରତ୍ୟେକ ଯୋଜନା କେବଳ ଶାସକ ଦଳର ଲାଭକୁ ଦୃଷ୍ଟିରେ ରଖି କରାଯାଉଛି। ଭତ୍ତା ବଣ୍ଟନ, ଆବାସ ଗୃହ ବଣ୍ଟନ, ଏମ୍‌ଜିଏନ୍‌ଆରଇଜିଏସ୍, ସାଧାରଣ ଖାଉଟି ବଣ୍ଟନ ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି ହେଉଥିବା ଭାଜପା କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ଭୁଲ ତଥ୍ୟ ଦେବାରୁ ଚାଷୀ କୃଷକ ସମୃଦ୍ଧି ଯୋଜନାରୁ ଉପକୃତ ହୋଇପାରୁନାହାନ୍ତି ବୋଲି ସେମାନେ ପ୍ରକାଶ କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଓଡ଼ିଶାରେ ପିଇଏସଏ ଆଇନ ଲାଗୁ କରାଯାଉ ନ ଥିବାରୁ ଆଦିବାସୀଙ୍କ ମୌଳିକ ଅଧିକାର କ୍ଷୁଣ୍ଣ ହେଉଥିବା କର୍ମକର୍ତ୍ତାମାନେ କହିଥିଲେ।




ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିବା ଭାଜପା କର୍ମକର୍ତ୍ତାମାନେ।

### ତାଲିମ ନେବାକୁ ଆସିଥିବା ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ ଜିଲା ପ୍ରଶାସନ ସହ ଆଲୋଚନା

କୋରାପୁଟ,୪।୯ (ଅମିତାଭ ବେହେରା)

କୋରାପୁଟ ଜିଲା ପ୍ରାକୃତିକ ସୌନ୍ଦର୍ଯ୍ୟ, ନଦୀ, ପାହାଡ଼, ମନ୍ଦିର ଓ ଗୁମ୍ଫା ପର୍ଯ୍ୟଟନ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏହି ଅଞ୍ଚଳର ଶିଶୁଙ୍କ ମଧ୍ୟରେ ଥିବା ଅଗ୍ରଗତିର ବାର୍ତ୍ତା ସମସ୍ତଙ୍କୁ ଅଭିଭୂତ କରିଛି। ମସୁରିଠାରେ ଭାରତୀୟ ପ୍ରଶାସନିକ ସେବା ତାଲିମ ନେଉଥିବା ୧୪ ଜଣ ଯୁବତୀଯୁବକ ଏହି ମତ ରଖିଛନ୍ତି। ସେମାନେ ଗତ ତିନିଦିନ ଧରି କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକର ରାମଗିରି ଓ ନନ୍ଦପୁର ବ୍ଲକ ଅନ୍ତର୍ଗତ ଚାଟୁଆ ଅଞ୍ଚଳରେ ପରିଦର୍ଶନ କରି ଏହି ମନ୍ତବ୍ୟ ଦେଇଛନ୍ତି। ସକାରାତ୍ମକ ସହଯୋଗରେ ଏହି ଅଞ୍ଚଳ ପ୍ରଗତି କରିପାରିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି d ଗସ୍ତର ଶେଷ ପର୍ଯ୍ୟାୟରେ ସୋମବାର କୋରାପୁଟ ସହରରେ ଥିବା କାଉନସିଲ ଫର ଏନାଲିଟିକାଲ ଟ୍ରାଇବାଲ ଷ୍ଟଡିସ, କୋଟସ ଓ ଆଦିବାସୀ ସଂଗ୍ରହାଳୟ ଭ୍ରମଣ କରି ସେମାନେ ଜିଲାର ଆଦିବାସୀ ଜନଜୀବନର ସୌନ୍ଦର୍ଯ୍ୟ, ଐତିହ୍ୟ, କଳା, ସଂସ୍କୃତି ଓ ଜୀବନଧାରା ସମ୍ପର୍କରେ ବିଶେଷଜ୍ଞଙ୍କ ସହ ଚର୍ଚ୍ଚା କରିଥିଲେ। ଏହି ଅବସରରେ ସେମାନେ କୋରାପୁଟ ଅଞ୍ଚଳରେ ଧାନରଉତ୍ପାଦନ ଓ ଏଠାରେ ଚାଷୀ ଓ ଗବେଷକ ଶତାଧିକ ପ୍ରକାରର ଧାନ, ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ ଜାତୀୟ ଶସ୍ୟର ସଂରକ୍ଷଣ କରୁଥିବା ଜାଣି ସେମାନଙ୍କ ପ୍ରଶଂସା କରିଥିଲେ। କୋରାପୁଟ ଅଞ୍ଚଳରେ ପ୍ରାକୃତିକ ସମ୍ପଦ ଭରପୂର ରହିଛି। ସରକାରଙ୍କ ବିଭିନ୍ନ ବିକାଶମୁଖୀ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି। ଏହି ସମସ୍ତ ବିଭବଗୁଡିକ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇପାରିଲେ ଯୋଜନା ଉକ୍ତ ଅଞ୍ଚଳର ବିକାଶକୁ କେହି ପ୍ରତିରୋଧ କରିପାରିବେ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ।

### ଫସଲ ନଷ୍ଟ ସହ ଗର୍ଭବତୀ, ନାବାଳିକାଙ୍କୁ ମାଡ଼ ଅଭିଯୋଗ



ସମାରୀଙ୍କ ପରିବାର ଧାରଣାରେ ବସିଛନ୍ତି।

ନବରଙ୍ଗପୁର,୪।୯ (ସଦାଶିବ ପ୍ରହରାଜ)

ହିରାପୁର, ଶଙ୍କରଡ଼ା ଓ ଡ଼ଙ୍ଗରୀଗୁଡ଼ା ଗ୍ରାମ ବନ ସୁରକ୍ଷା ସମିତିର ୧୫୦ରୁ ୨୦୦ ଜଣ ସଦସ୍ୟ ଫସଲ ନଷ୍ଟ କରିବା ସହ ଜଣେ ନାବାଳିକାଙ୍କୁ ମାଡ଼ ମାରିବା ଓ ଜଣେ ଗର୍ଭବତୀଙ୍କ ପେଟକୁ ଲାତ ମାରିବା ଭଳି ଅଭିଯୋଗ କରିଛନ୍ତି ଖଲିବେଡା ଗାଁର ସମାରି ଭତରା। ଆକ୍ରମଣ ଫଳରେ ନାବାଳିକାଙ୍କ ହାତ ଭାଙ୍ଗି ଯାଇଛି। ଘଟଣାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସମାରୀ ଓ ତାଙ୍କ ପରିବାର ଦାବି କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଧାରଣା ଦେବା ସହ ଅଭିଯୋଗ ଶୁଣାଣିରେ ଲିଖିତଭାବେ ଜଣାଇଛନ୍ତି। ଏହା ବିରୋଧରେ ସମାରୀ ଉମରକୋଟ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ସମାରୀଙ୍କ ପରିବାର ଓ ସମ୍ପର୍କୀୟ ପୁନଶ୍ଚ ଥାନାକୁ ଯିବା ପରେ ହିରାପୁର, ଶଙ୍କରଡ଼ା ଓ ଡ଼ଙ୍ଗରୀଗୁଡ଼ା ଗ୍ରାମ ବନ ସୁରକ୍ଷା ସମିତି ସଦସ୍ୟଙ୍କ ନାମରେ କେସ ନମ୍ବର ୨୨୭/୨୩ରେ ପୋଲିସ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ନୀଳିମା ପାଣିଗ୍ରାହୀଙ୍କୁ ତଦନ୍ତ ଭାର ଦିଆଯାଇଛି। ମାମଲା ରୁଜୁ ହେବା ପରେ ସମାରୀ ଓ ତାଙ୍କ ପରିବାର ଓ ସମ୍ପର୍କୀୟ ଧାରଣାରୁ ହଟିଛନ୍ତି। ପ୍ରକାଶ ଯେ, ସମାରୀ ଓ ତାଙ୍କ ପରିବାର ୩୦ ବର୍ଷ ହେବ ଖଲିବେଡ଼ା ଗ୍ରାମର ଜଙ୍ଗଲ କିଷମ ଜମିରେ ଚାଷ କରି ନିଜ ପରିବାର ଚଳାଉଛନ୍ତି। ସେ ଚଳିତ ବର୍ଷ ମଧ୍ୟ ଧାନ ଚାଷ କରିଛନ୍ତି। ଗାଁ ପାଖ ହିରାପୁର, ଶଙ୍କରଡ଼ା ଓ ଡ଼ଙ୍ଗରୀଗୁଡ଼ା ବନସୁରକ୍ଷା ସମିତିର ଶତାଧିକ ସଦସ୍ୟ ଫସଲ ନଷ୍ଟ କରୁଥିବା ଶୁଣି ସମାରୀ ପରିବାର ଲୋକଙ୍କ ସହ ସେଠାକୁ ଯାଇଥିଲେ। ଏହି ସମୟରେ ବନସୁରକ୍ଷା ସମିତି ସଦସ୍ୟମାନେ ଆକ୍ରମଣ କରିଥିବା ସମାରୀ କହିଛନ୍ତି।

### ନନ୍ଦପୁରରେ ଭାଜପାର 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ




ସେମିଳିପୁଟ ଗ୍ରାମରୁ ଭାଜପା କର୍ମକର୍ତ୍ତାମାନେ ମାଟି ସଂଗ୍ରହ କରୁଛନ୍ତି।

ନନ୍ଦପୁର, ୪।୯ (ଶଙ୍କର ପୂଜାରୀ)

**ସ୍ୱାଧୀନତା ସଂଗ୍ରାମୀ ପୀତାମ୍ବର ଖିଲଙ୍କ ଜନ୍ମସ୍ଥାନରୁ ସଂଗ୍ରହ ହେଲା ମାଟି**

କୋରାପୁଟ ଜିଲା ନନ୍ଦପୁର ବ୍ଲକର ମୁକ୍ତି ସଂଗ୍ରାମୀ ଆଖ୍ୟା ପାଇଥିବା ସ୍ୱାଧୀନତା ସଂଗ୍ରାମୀ ପୀତାମ୍ବର ଖିଲଙ୍କ ଜନ୍ମସ୍ଥାନ ଖିର୍ଜି ପଞ୍ଚାୟତର ସେମିଳିପୁଟ ଗ୍ରାମରୁ ମାଟି ସଂଗ୍ରହ କରି ନନ୍ଦପୁର ଭାଜପା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମ ସୋମବାର ଆରମ୍ଭ କରିଛି। ମଣ୍ଡଳ ସଭାପତି ଜୟରାମ ଭୋଇ, ପାଡୁଆ ମଣ୍ଡଳ ସଭାପତି ସୁଦର୍ଶନ ପାଙ୍ଗି, ସ୍ୱର୍ଗତ ସଂଗ୍ରାମୀ ପୀତାମ୍ବର ଖିଲଙ୍କ ଦାୟଦ ସିମାଞ୍ଚଳ ଖିଲ ଓ ପରିବାର ଲୋକଙ୍କ ଉପସ୍ଥିତିରେ ମାଟି ସଂଗ୍ରହ କରାଯାଇଥିଲା। ଏହି ସମୟରେ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ସଂଗୃହୀତ ମାଟିକୁ ଦିଲ୍ଲୀରେ ହେବାକୁ ଥିବା ଅମୃତ ଉଦ୍ୟାନ ନିର୍ମାଣ ପାଇଁ ପଠାଯିବ ବୋଲି ମଣ୍ଡଳ ସଭାପତି ଭୋଇ କହିଛନ୍ତି।

# ପ୍ରିନ୍ସ ୟୁଥ୍ କ୍ଲବ ବିଜୟୀ

ସୁନାବେଡା,୪।୯ (କୃତ୍ତିବାସ ପ୍ରଧାନ)

**ଭଗତ ସିଂ ୟୁଥ କ୍ଲବ ପକ୍ଷରୁ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ସୁନାବେଡା ଦଶହରା ପଡିଆଠାରେ ଭଗତ ସିଂ ୟୁଥ କ୍ଲବ ଟିକାପାର ପକ୍ଷରୁ ଜିଲା ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଲା ଯୋଜନା ବୋର୍ଡ ଅଧକ୍ଷ ତଥା କୋରାପୁଟ ବିଧାୟକ ରଘୁରାମ ପଡାଲ ଯୋଗଦେଇ ସୁସ୍ଥ ସମାଜ ଗଠନରେ କ୍ରୀଡାର ଆବଶ୍ୟକତା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ରୂପେ ସୁନାବେଡା ପୌରାଧକ୍ଷ ଡ. ରାଜେନ୍ଦ୍ର ପାତ୍ର, କାଉନସିଲର ରବୀନ୍ଦ୍ର ପ୍ରଧାନ, ମିନତି ମିଶ୍ର, ମନୋଜ ସୁନା, ସାମାଜିକ କର୍ମୀ ନରସିଂହ ବେନିଆ ଓ ଅଶ୍ୱିନ ହାଲୱା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ୨୪ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ ପ୍ରିନ୍ସ ୟୁଥ କ୍ଲବ ମାଲିଗୁଡା ଏବଂ ବେହେରାଗୁଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ପ୍ରିନ୍ସ ୟୁଥ କ୍ଲବ ୪–୦ ଗୋଲ ରେ ବେହେରାଗୁଡ଼ା ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରିନ୍ସ ୟୁଥ କ୍ଲବର କିଶନ ମାଝୀ ୨ ଗୋଲ , ସଞ୍ଜିତ ଖରା ଓ ବିକ୍ରମ ମହାନନ୍ଦିଆ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ ରେଫରି ରୂପେ ରତ୍ନାକର ବାରିକ, ରଘୁନାଥ ବେହେରା, ଆକବର ଚପାଡ଼ି, ସନ୍ଦୀପ ପଟ୍ଟନାୟକ ଓ ଉଦ୍ଧବ ବାଘ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ଆୟୋଜକ କ୍ଲବର ସଦସ୍ୟ ଲକି ଖିଲ, ମୁନା ଖରା, ବିଭୂତି ତୁରୁକ, ଉତ୍ତମ ଗରଡ଼ା, ସୁକୁମା ଖରା, ସୁଜିତ ଖରା ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିମାନେ।

### ଗଞ୍ଜେଇ ଚୋରାଚାଲାଣ ବେଳେ ଚଢ଼ାଉ

ଜୟପୁର, ୪।୯ (ପବନ ପାଣିଗ୍ରାହୀ)

ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢ଼ାଉ କରି ଜୟପୁର ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତେନ୍ତୁଳିଖୁଣ୍ଟିର ଖଗପତି ହରିଜନ (୩୦) ଧନୁର୍ଜୟ ହରିଜନ (୨୫) । ପୋଲିସ ଜାତୀୟ ରାଜପଥ–୨୬ରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲା। ଏଥିରୁ ୪୦ କେଜି ଗଞ୍ଜେଇ ମିଳିଥିଲା। ଲମତାପୁଟ ଅଞ୍ଚଳରୁ ଏହି ଗଞ୍ଜେଇ ଆଣି ଅଭିଯୁକ୍ତମାନେ ରାୟପୁର ଚାଲାଣ କରୁଥିଲେ । ପୋଲିସ ସ୍କୁଟି ସହ ୨ଟି ମୋବାଇଲ ଫୋନ ଓ ଗଞ୍ଜେଇ ଜବତ କରି ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

# ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରିବେ କଳାକାର

କୋରାପୁଟ,୪।୯ (ଅମିତାଭ ବେହେରା)

କୋରାପୁଟସ୍ଥିତ ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରଠାରେ ଜିଲା ପ୍ରଶାସନ ପକ୍ଷରୁ ଦୁଇଦିନିଆ ଜିଲାସ୍ତରୀୟ କଳାକାର ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିସା, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ବାଲାଜୀ ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଲୋକକଳା ମାଧ୍ୟମରେ ଅବଗତ କରାଇବା କଳାକାର ପ୍ରଶିକ୍ଷଣ



ତାଲିମ ଶିବିରରେ ଉପସ୍ଥିତ କଳାକାରମାନେ ।

ଶିବିରର ଉଦ୍ଦେଶ୍ୟ ବୋଲି ଅତିଥି ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାକୁ ଗ୍ରାମଗୁଡିକରେ ତରାନ୍ୱିତ କରିବା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିହାତି, ଆମ ହସ୍ପିଟାଲ, କ୍ରୀଡା, ଆମ ଓଡ଼ିଶା ନବୀନ ଓଡ଼ିଶା, ୫-ଟି ହାଇସ୍କୁଲ ରୂପାନ୍ତରଣ ନେଇ ସରକାରଙ୍କ ସଚେତନ ବାର୍ତ୍ତା କିପରି ଗ୍ରାମାଞ୍ଚଳରେ ପହଞ୍ଚିବ ସେନେଇ ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା। ସୂଚନାଯୋଗ୍ୟ, ଦୁଇଦିନିଆ ତାଲିମ ସରିବା ପରେ କଳାକାରମାନେ ନିଜ ବ୍ଲକରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରିବେ।

# ଲୋକଙ୍କୁ ସଚେତନ କଲେ ଛାତ୍ରୀଛାତ୍ର

କୋରାପୁଟ,୪।୯ (ଅମିତାଭ ବେହେରା)

**ସ୍ୱଚ୍ଛତା ପକ୍ଷ ନେଇ ସଚେତନତା**

କୋରାପୁଟ ବ୍ଲକ୍‌ର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟଗୁଡିକରେ ଚଳିତ ମାସ ୧ରୁ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସେପ୍ଟେମ୍ବର ୧୫ ଯାଏ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ସୋମବାର ୪ର୍ଥ ଦିବସରେ ନିଜ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ପରିଚାଳନା କମିଟି ସଦସ୍ୟମାନେ ସାମିଲ ହୋଇଥିଲେ। ସହରସ୍ଥିତ ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପୋଲିସ୍ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଜ ଅଞ୍ଚଳରେ ପରିକ୍ରମା କରି ଲୋକଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ପୂଜାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଗ୍ରାମବାସୀ ସାମିଲ ହୋଇଥିଲେ।




ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିଦ୍ୟାଳୟରୁ ବାହାରିଥିବା ସ୍ୱଚ୍ଛତା ପକ୍ଷ ଶୋଭାଯାତ୍ରା

### ବ୍ଲକ ପ୍ରଶାସନର ଆଶ୍ରମ ସ୍କୁଲ ପରିଦର୍ଶନ

ଜୟପୁର, ୪।୯ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ପ୍ରଶାସନ ସୋମବାର ଆଶ୍ରମସ୍କୁଲଗୁଡିକ ଅଚାନକ ଗସ୍ତ କରି ପରିଦର୍ଶନ କରିଛି। ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତରଙ୍କ ନିର୍ଦ୍ଦେଶରେ ଜୟପୁର ବ୍ଲକର ୩ଟି ଆଶ୍ରମ ସ୍କୁଲ ପରିଦର୍ଶନ କରାଯାଇଛି । ହରଡାପୁଟ ଆଶ୍ରମ ସ୍କୁଲ, ହରଡାପୁଟ ବାଳିକା ଉଚ୍ଚ ଏସ୍‌ଏସ୍‌ଡି ବିଦ୍ୟାଳୟ ଓ ଉମୁରି ଆଶ୍ରମ ସ୍କୁଲକୁ ବ୍ଲକ ପ୍ରଶାସନ ଗସ୍ତ କରି ପରିଦର୍ଶନ କରିଥିବା ଜଣାପଡିଛି। ଛାତ୍ରୀଛାତ୍ରଙ୍କୁ ପ୍ରଦନ କରାଯାଉଥିବା ଖାଦ୍ୟର ମାନ ପରୀକ୍ଷା କରିବା ସହ ପ୍ରଶାସନ ଲାଟ୍ରିନ, ବାଥରୁମ ପରିସ୍କାର ପରିଚ୍ଛନତା ପରଖିଥିଲା। ଖାଇବା ଠିକ ମିଳୁଛି କି ନାହିଁ, ପରିବେଶ କିପରି ରହୁଛି ଆଦି ସମ୍ପର୍କରେ ଅଧିକାରୀମାନେ ଛାତ୍ରୀଛାତ୍ରଙ୍କୁ ପଚାରି ବୁଝିଥିଲେ। ଗସ୍ତରେ ବିଡିଓ ରାଜୀବ ଦାସ, ଏବିଡିଏ ମନୋଜ ନାୟକ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭା ପ୍ରଧାନ, ଯୋଗାଣ ନିରୀକ୍ଷକ ପ୍ରମୁଖ ସାମିଲ ହୋଇଥିଲେ।

# ଜଳକଷ୍ଟରେ ପଖାରବାସୀ

ଦଶମନ୍ତପୁର,୪।୯ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ପୋଖାର ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳିଛି। ଗ୍ରାମରେ ୧୩୦ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୫୦୦ ରହିଛି। ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ। ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଛି। ଏହା ଗ୍ରାମର ଜନସଂଖ୍ୟା ତୁଳନାରେ ଆମ ଆବଶ୍ୟକତା ମେଣ୍ଟାଇପାରୁନି ବୋଲି ଗ୍ରାମର ରାଜେଣା ଜମ୍ଭେକା, ଅଙ୍କି କଞ୍ଜେକା, ଚୈତ କଞ୍ଜେକା, ଲିମ ହିକକା, ନରି କଞ୍ଜେକା, ନନ୍ଦ ହିକକା ପ୍ରମୁଖ ଅଭିଯୋଗ କରିଛନ୍ତି। ନଳକୂପ ସମସ୍ୟା ଯୋଗୁ ଗ୍ରାମବାସୀ ବାଧ ହୋଇ ଗ୍ରାମ ନିକଟସ୍ଥ କୁଆ ଓ ନଦୀ ଜଳ ଉପରେ ନିର୍ଭର କରୁଛନ୍ତି। ଏହି ପାଣି ବ୍ୟବହାର କରି ସେମାନେ ବିଭିନ୍ନ ସମୟରେ ବିଭିନ୍ନ ରୋଗରେ ପଡୁଥିବା ପ୍ରକାଶ କରିଛନ୍ତି। ଗ୍ରାମରେ ଏକ ନୂତନ ନଳକୂପ ଖନନ ସହ ଅଚଳ ନଳକୂପ ମରାମତି କରିବାକୁ ପ୍ରଶାସନକୁ ଜଣାଇ କିଛି ସୁଫଳ ଏଯାଏ ମିଳିନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠଯନ୍ତ୍ରୀ ଏସଏ କୁରେସିଙ୍କୁ ପଚାରିବାରୁ ସେ କହିଲେ, ପଞ୍ଚାୟତ ପକ୍ଷରୁ ନୂତନ ନଳକୂପ ଖନନ ପାଇଁ ପ୍ରସ୍ତାବ ଗୃହୀତ ହେବା ପରେ ନୂତନ ନଳକୂପ ଖନନ କରାଯାଇପାରିବ।



ଗ୍ରାମବାସୀ ପାଇପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### କାଲିମେଲା ବନାଞ୍ଚଳରେ ନୂତନ ବନାଧିକାରୀ

ମାଲକାନଗିରି, ୪।୯ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା କାଲିମେଲା ବନାଞ୍ଚଳର ନୂତନ ବନାଞ୍ଚଳ ଅଧିକାରୀ ଭାବେ ଟଙ୍କଧର ଦାସ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ରାୟଗଡ଼ା ବନଖଣ୍ଡରୁ ବଦଳି ହୋଇ ଆସିଛନ୍ତି। ପୂର୍ବତନ ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇଙ୍କ ଖୋର୍ଦ୍ଧା ଜିଲା ରଣପୁରକୁ ବଦଳି ହେବାପରେ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋଇ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟ ତୁଲାଉଥିଲେ।

### ୯ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ମାଲକାନଗିରି, ୪।୯ (ଦୁର୍ଯ୍ୟୋଧନ ପାତ୍ର)

ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶକ୍ରମେ ସେପ୍ଟେମ୍ବର ୯ରେ ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ମୋଟୁ, କୁଡୁମୁଲୁଗୁମ୍ମା, ମାଥିଲି କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରି, ଚେକ୍ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟ ବିଲ୍ ଜନିତ ମାମଲା, ବୈବାହିକ ବିବାଦ, ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ ମାମଲା ପ୍ରାକ୍ ମକଦ୍ଦମାସ୍ତରୀୟ ବିବାଦର ମଧ୍ୟ ଆପୋସ ସହମତିରେ ଏବଂ ବିନା ଆର୍ଥିକ ବ୍ୟୟରେ ସମାଧାନ କରାଯିବ। ତେଣୁ ଏହି ଲୋକ ଅଦାଲତରେ ଭାଗନେବାକୁ ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ, ତାଲୁକା ଆଇନସେବା କମିଟି, ମୋଟୁ ପକ୍ଷରୁ ସୂଚନା ଦିଆଯାଇଛି।

### କୌଶଲ୍ୟାଙ୍କ ଘରେ ପହଞ୍ଚିଲେ ବ୍ୟାଙ୍କ କର୍ତ୍ତୃପକ୍ଷ

ନନ୍ଦପୁର, ୪।୯ ଶଙ୍କର ପୂଜାରୀ)

ଦୀର୍ଘ ୭ମାସ ହେଲା ଭତ୍ତା ନ ପାଇ ହନ୍ତସନ୍ତ ହେଉଥିବା ଖାଲୁଆ ଗ୍ରାମର କୌଶଲ୍ୟା ମାର୍ଣ୍ଡିଙ୍କ ସମ୍ପର୍କରେ ବାଲଡା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବା ପରେ ସୋମବାର ତାଙ୍କ ନିକଟରେ ପହଞ୍ଚିଛନ୍ତି। ଷ୍ଟେଟ ବ୍ୟାଙ୍କ ପରିଚାଳକ ଚକ୍ରଧର ନାୟକ, ସିଏସ୍‌ପି ପରିଚାଳକ ପ୍ରଣୟ ପ୍ରସାଦ ପଟ୍ଟନାୟକ, ଘନଶ୍ୟାମ ନାୟକ ପ୍ରମୁଖ ଭତ୍ତାରୁ ବଞ୍ଚିତ କୌଶଲ୍ୟାଙ୍କ ଘରେ ପହଞ୍ଚି ତାଙ୍କ ଜମା ଖାତା, ଆଧାର, ଆଙ୍ଗୁଠି ଛାପ ଆଦି ଯାଞ୍ଚ କରିଥିଲେ। ସବୁ ଠିକ୍ ଥିବା ଦେଖି ତାଙ୍କ ଖାତାରେ ଥିବା ୨୪୬ ଟଙ୍କାରୁ ୧୦୦ ଟଙ୍କା ଉଠାଣ କରି କୌଶଲ୍ୟାଙ୍କୁ ପ୍ରଦାନ କରିଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କ ଯାଇ ଦେଖିବାରେ ଆଧାର ସିଡିଂ ଠିକ୍ ଥିବା ସତ୍ତ୍ୱେ ଏନପିସିଆଇ ମ୍ୟାପିଂ ହେଉ ନ ଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଉପସ୍ଥିତ ବ୍ୟାଙ୍କ ଅଧିକାରୀ



ଓ ନନ୍ଦପୁର ବ୍ଲକ ବିଏସ୍‌ଏସ୍‌ଓ ସରିତା ଓରାମଙ୍କ ସହ ଫୋନ ଯୋଗେ ବ୍ୟାଙ୍କ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ଯାହାର ସମାଧାନ ଦିନେ ଦୁଇ ଦିନ ମଧ୍ୟରେ କରାଯାଇ କୌଶଲ୍ୟାଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି।

# ୪୬୧ ହିତାଧିକାରୀ ଭତ୍ତାରୁ ବଞ୍ଚିତ

## ୧୯ ଦିନରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଆନ୍ଦୋଳନ

କୋରୁକୋଣ୍ଡା, ୪।୯ (ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନରେ ଥିବା ୧୨ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ପକ୍ଷରୁ ୨ ଦଫା ଦାବି ନେଇ ଅଗଷ୍ଟ ୧୮ରୁ ସମୂହ ଆନ୍ଦୋଳନରେ ଥିବା ବେଳେ ବ୍ଲକର ସମସ୍ତ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଘ ସଭାପତି ରବି ଗୋଲାପେଦାଙ୍କ ନେତୃତ୍ୱରେ ରାଜେନ୍ଦ୍ର ପ୍ରସାଦ ଗୁରୁ, ସୁରେଶ ଚନ୍ଦ୍ର ସାହୁ, ସୀମାଞ୍ଚଳ ନାୟକ, ନାରାୟଣ ହାଁସଦା, ଭାସ୍କର ଖରା ଓ ଜୟଶ୍ରୀ ଜେନା ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନଙ୍କ ତରଫରୁ କୋରୁକୋଣ୍ଡା ବିଡିଓ ବେଦ ବ୍ୟାସ ଭୋଇଙ୍କୁ ୨ ଦଫା ଦାବି ନେଇ ଏକ ସ୍ମାରକପତ୍ର ଗତ ମାସ ୪ ତାରିଖରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ।

ପଞ୍ଚାୟତ ଅଧିକାରୀଙ୍କ କହିବା ଅନୁଯାୟୀ, କୋରୁକୋଣ୍ଡା ବ୍ଲକର ୭ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ମାଲକାନଗିରି ୭ ବ୍ଲକର ୬୨ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏକତ୍ର ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୯ଦିନ ହେବ ଆନ୍ଦୋଳନରେ ବସିଛନ୍ତି। କୋରୁକୋଣ୍ଡା ବ୍ଲକର ୧୨ପଞ୍ଚାୟତରୁ ୭ ପଞ୍ଚାୟତରେ କାର୍ଯ୍ୟ ବନ୍ଦ ଥିବା ବେଳେ ବର୍ତ୍ତମାନ ପଞ୍ଚାୟତ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା, ବିଧବା, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ବଣ୍ଟନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବିଜୁ ପକ୍କା ଘର ଓ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସହାୟତା ଭଳି ସରକାରଙ୍କ ଅନେକ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୯୫ ଦିନର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମଜୁରି ଆସିଥିବା ବେଳେ ତାହା ଠିକ୍ ସମୟରେ ହିତାଧିକାରୀମାନେ ପାଇ ନ ଥିବା ଅଭିଯୋଗ କରିଛନ୍ତି ।

ସେହିପରି ବିଭିନ୍ନ ପ୍ରକାରର ଭତ୍ତା ନିମନ୍ତେ କୋରୁକୋଣ୍ଡା ବ୍ଲକ ଅଧୀନରେ ମୋଟ ୧୦,୫୩୮ ହିତାଧିକାରୀ ଯୋଗ୍ୟ ଥିବା ବେଳେ ସେଥିରୁ ୪୯୧୭ ହିତାଧିକାରୀଙ୍କ ଜମା ଖାତାକୁ ଭତ୍ତା ଟଙ୍କା ଯାଉଥିବା ବେଳେ ୫୬୬୬ ହିତାଧିକାରୀଙ୍କୁ ପଞ୍ଚାୟତ ଅଧିକାରୀଙ୍କ ଜରିଆରେ ଭତ୍ତା ଦେବାକୁ ସ୍ଥିର କରାଯାଇଥିଲା। ସେଥିରୁ ମୋଟ ୫୨୦୫ହିତାଧିକାରୀଙ୍କୁ ଅଧିକାରୀଙ୍କ ଜରିଆରେ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ବଳକା ୪୬୧ ହିତାଧିକାରୀ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଆନ୍ଦୋଳନ ନିମନ୍ତେ ନିଜର ଭତ୍ତା ଟଙ୍କା ପାଇବାରୁ ବାଦ୍ ପଡିଛନ୍ତି।

ଅନ୍ୟ ପକ୍ଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବେ ନାହିଁ ବୋଲି କହିଛନ୍ତି । ଏ ନେଇ କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇଙ୍କୁ ପଚାରିବାରୁ ଭତ୍ତା ଟଙ୍କା ସିଧାସଳଖ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଜମା ଖାତାକୁ ପଠାଯାଉଛି। ତେଣୁ ଏହିପରି ସମସ୍ୟା ଉପୁଜିଥିବା କହିଛନ୍ତି। ଖୁବ ଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା ଜାରି ରହିଛି ବୋଲି ସେ କହିଛନ୍ତି।

# ଜିଲାରେ ଖାଲିଥିବା ସ୍ଥାନ ପୂରଣ ନେଇ ଚୟନ



କଳାକାର ସହାୟତା ଲାଗି ଚୟନ କାର୍ଯ୍ୟକ୍ରମ ।

## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା

ମାଲକାନଗିରି, ୪।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ସଂସ୍କୃତି ଭବନରେ ସୋମବାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଜିଲାରେ ଖାଲି ଥିବା ସ୍ଥାନ ପୂରଣ ନିମନ୍ତେ ଚୟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲାର ୬୭୨ କଳାକାରଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ବ୍ୟବସ୍ଥା ରହିଛି। ସେଥିରୁ ୬୫୩ କଳାକାର ଭତ୍ତା ପାଉଛନ୍ତି। ଏହି ଯୋଜନାରେ ଜିଲାରେ ବଳକା ଥିବା ୧୯ ସ୍ଥାନ ପୂରଣ କରିବା ନିମନ୍ତେ ଏକ ଚୟନ କମିଟି କରାଯାଇ ବଳକା ତାଲିକାରେ ଥିବା କଳାକାରଙ୍କ ଦକ୍ଷତା ପରୀକ୍ଷା କରାଯାଇଛି। ଚୟନ କମିଟିରେ ଜିଲା ସଂସ୍କୃତି ଅଧିକାରୀ ପ୍ରମିଳା ମାଝି, ବିନାଶ ମିଶ୍ର, ଜ୍ଞାନଦେବ ସାହୁ ଏବଂ ବସନ୍ତ କୁମାର ଡାକୁଆ ଦକ୍ଷତା ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଘେନୁ ମୁଦୁଲି, ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି, ବରିଷ୍ଠ କଳାକାର ଅନାଦି କଙ୍ଗାଙ୍କ ସମେତ ଜଲାର ବ୍ଲକ କଳା ସଂସ୍କୃତି ସଂଘ ସଦସ୍ୟ ଜିଲା ସଂସ୍କୃତି ବିଭାଗର କର୍ମଚାରୀ ଓ କଳାକାର ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡାରେ ଫୁଟ୍‌ବଲ ସାମଗ୍ରୀ ପ୍ରଦାନ



ସାମଗ୍ରୀ ସହ ଖେଳାଳିମାନେ ।

ଚିତ୍ରକୋଣ୍ଡା, ୪।୯ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ଫୁଟ୍‌ବଲ ଖେଳର ଚାହିଦା କମି ଯାଉଥିବା ବେଳେ ଖେଳାଳିଙ୍କୁ ଉତ୍ସାହିତ କରି ଟିମ୍‌କୁ ଦୃଢ଼ କରିବା ପାଇଁ ମାଥିଲି ବ୍ଲକ ଅଧ୍ୟକ୍ଷ ମହେଶ ବାକା ସ୍ୱତଃପ୍ରବୃତ୍ତ ଭାବେ ସହଯୋଗର ହାତ ବଢ଼ାଇ ଫୁଟ୍‌ବଲ ସାମଗ୍ରୀ ବୁଟ୍, ମୋଜା, ସିନ୍ ଗାର୍ଡ ଆଦି ୩୦ ପିଲାଙ୍କୁ ପ୍ରଦାନ କରିଥିଲେ। ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଫୁଟବଲ ଖେଳପଡିଆରେ ଖେଳାଳିମାନେ ଖାଲି ପାଦରେ ଖେଳୁ ଥିବା ଦେଖି ବ୍ଲକ ଅଧ୍ୟକ୍ଷ ବାକା ଆସି ଫୁଟବଲ ସାମଗ୍ରୀ ପ୍ରଦାନ କରିଥିଲେ। ଚିତ୍ରକୋଣ୍ଡା ସ୍ପୋର୍ଟ୍ସ କ୍ଲବ ତରଫରୁ ରାଜକମଲ ପୁରୋହିତ, ମାନସ ବେହେରା, ଶ୍ରୀକାନ୍ତ ବେହେରା, ଗୌତମ ଖେତ୍ରି, ଜ୍ୟୋତି ରଞ୍ଜନ ମଣ୍ଡଳ ଓ ନିକାଶ ପାଢ଼ୀଙ୍କ ତରଫରୁ ଏହି ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୪।୯ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଡଙ୍ଗରଛିଞ୍ଚିଠାରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସିଡିପିଓ ସୁଚିତା ପଣ୍ଡା, ଏପିଓ ମାନସ ରଞ୍ଜନ କର, ସହକାରୀ ଯନ୍ତ୍ରୀ ରଞ୍ଜିତାରାଣୀ ପଣ୍ଡା, ସରପଞ୍ଚ କମଳ ଲୋଚନ ଗାଦବା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଅଭା ପ୍ରଧାନ, ସମିତିସଭ୍ୟା କୌଶଲ୍ୟା ଦଳେଇ, ଜିଆର୍‌ଏସ୍ ଗାୟତ୍ରୀ ମିଶ୍ରଙ୍କ ସହ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହଟିକଲଚର, କୃଷି ବିଭାଗ, ଯୋଗାଣ ସହାୟକ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ନିଜ ଗ୍ରାମ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ନୂତନ ରାସ୍ତା, ରାସ୍ତା ମରାମତି, ପାନୀୟ ଜଳ ସମସ୍ୟା ସମାଧାନ ନେଇ ଗ୍ରାମବାସୀ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ଏଠାରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା।

# ଅବ୍ୟବସ୍ଥାରୁ ହଷ୍ଟେଲ ଛାଡିଲେ ୪୫ଛାତ୍ର

କୋଷାଗୁମୁଡା, ୪।୯ (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଅଧୀନ ବରଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ୪୫ ଜଣ ଛାତ୍ର ହଷ୍ଟେଲ ଛାଡ଼ି ଚାଲି ଯାଇଛନ୍ତି। ହଷ୍ଟେଲରେ ଭଲରେ ଖାଇବାକୁ ଦିଆଯାଉନି। ଏଥିସହ ସ୍କୁଲରେ ଶିକ୍ଷକଙ୍କ ମନମୁଖୀ ଶାସନଚାଲିଛି। ପିଲାଙ୍କୁ କେତେବେଳେ ଗୋଡହାତ ଘୋଷା ତ କେତେବେଳେ ବାଇକ୍ ଧୋଇବା ଭଳି ବ୍ୟକ୍ତିଗତ କାମରେ ଶିକ୍ଷକମାନେ ଲଗାଉଛନ୍ତି। ଏହାକୁ ନ ମାନିଲେ ଧମକ ମିଳୁଛି ବୋଲି ଅନ୍ତେବାସୀ ବହୁବାର ଅଭିଯୋଗ କରିବାପରେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ରବିବାର ସେମାନେ ହଷ୍ଟେଲ ଛାଡି ପଳାଇଥିବା ଜଣାପଡ଼ିଛି।

ବିଶିଷ୍ଟ ବରଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ହଷ୍ଟଲରେ ୧୦୦ ପିଲା ରହି ପଢୁଥିଲେ। ହଷ୍ଟେଲରେ ପିଲାଙ୍କୁ ଭଲଭାବେ ଖାଇବାକୁ ଦିଆଯାଉନଥିବା ବେଳେ ସେଠାରେ ପଙ୍ଖା, ଆଲୋକର ବ୍ୟବସ୍ଥା ନାହିଁ। ସରକାର ପିଲାଙ୍କ ପାଇଁ ଯୋଗାଇଦେଉଥିବା ସାଧାରଣ ସୁବିଧା ସାବୁନ ତେଲ ମଧ୍ୟ ଶିକ୍ଷକମାନେ ନେଇଯାଉଛନ୍ତି। ପ୍ରାୟ ଶିକ୍ଷକମାନେ ପିଲାଙ୍କୁ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଉଥିବା ଅନ୍ତେବାସୀ ଅଭିଯୋଗ କରିଛନ୍ତି। ୨ ରୋଷେଇଆ, ଶିକ୍ଷକଙ୍କ ବଦଳି ଦାବି କରି ୪୫ ପିଲା ହଷ୍ଟେଲ ଛାଡି ଚାଲିଯାଇଛନ୍ତି। ଏ ନେଇ ସ୍କୁଲ ପ୍ରଧାନଶିକ୍ଷକ ହରେନ୍ଦ୍ର କୁମାର ବେହେରାଙ୍କୁ ପଚାରିବାରୁ ୨ଜଣ ଛାତ୍ର ଗୁରୁବାର ୧୧ ଟା ବେଳେ ହଷ୍ଟେଲରୁ ବାହାରକୁ ଯାଉଥିବା ବେଳେ ତାଙ୍କୁ ଅଟକାଇ ଏହାର କାରଣ ପଚାରିବା ସହ ଛାତ୍ରାବାସକୁ ଫେରାଇ ଆଣିଥିଲି। ସନ୍ଧ୍ୟାରେ ଜଣେ ଛାତ୍ର ମଶାରୀ ଟାଙ୍ଗିବା ରଡ୍ ଆଣି ମୋତେ ମାରିବାକୁ ଚେଷ୍ଟା କରିଥିଲେ। ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକଙ୍କୁ ନେଇ ଏକ ବୈଠକ ଡକାଯାଇଥିଲା। ସେଠାରେ କିଛି କାରଣକୁ ନେଇ ହଟ୍ଟଗୋଳ ହେବାପରେ ପିଲାମାନେ ବାହାରି ପଳାଇଛନ୍ତି ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେଇଥିବା ଜଣାଇଛନ୍ତି।

# ଅଭିଯୋଗ ଶୁଣି ସମାଧାନ ନିର୍ଦ୍ଦେଶ ଦେଲେ ଜିଲାପାଳ

## ନବରଙ୍ଗପୁର ପୌରପାଳିକାରେ ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ନବରଙ୍ଗପୁର, ୪।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ପୌରାଞ୍ଚଳରୁ ୬୯ଟି ଅଭିଯୋଗ ଶୁଣାଣି କରାଯାଇଛି। ସେଥିରୁ ୫୨ଟି ବ୍ୟକ୍ତିଗତ ଓ ୧୭ ଗୋଷ୍ଠୀ ଗତ ଆପତ୍ତି ଅଭିଯୋଗ ରହିଥିଲା। ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା କାମ, ଜମି ବିବାଦ, ଡାକ୍ତରୀ ଚିକିତ୍ସା ପାଇଁ ଆର୍ଥିକ ସହାୟତା, କର୍ମ ନିଯୁକ୍ତି, ଭାରତମାଳା ପ୍ରକଳ୍ପ ଅନୁକମ୍ପା ରାଶି ପାଇବା, ଫସଲ ନଷ୍ଟ ସହାୟତା, ଲିଗାଲ ହାୟାର ସାର୍ଟିଫିକେଟ, ଜମିଜମା ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣି କରି ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଜିଲାପାଳ କମଳ ଲୋଚନ ମିଶ୍ର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୧୦ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଜଣଙ୍କୁ ବିବାହକାଳୀନ ସହାୟତା ଓ ଜଣେ ଛାତ୍ରଙ୍କୁ ମାଗଣା ଲାପ୍‌ଟପ୍ ପ୍ରଦାନ କରାଯାଇଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଏସ୍. ସୁଶ୍ରୀ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ପୌରାଧ୍ୟକ୍ଷ କୁନୁ ନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ ମିଶ୍ର, ପିଏ ଆଇଟିଡିଏ ରାଜୀବ ସାହୁ, ଡିଇଓ ପ୍ରଦୀପ ନାଗ, ଅତିରିକ୍ତ ମୁଖ୍ୟ ଜିଲା ଚିକିତ୍ସା ଅଧିକାରୀ ମଳୟ ତ୍ରିପାଠୀ, ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବିଡିଓ ଶିବ ପ୍ରସାଦ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଅର୍ଥାଭାବରୁ ରୋଗଶଯ୍ୟାରେ ଝିଅ

## ସ୍ଥାନୀୟ ଡାକ୍ତର ଚିହ୍ନିପାରୁ ନାହାନ୍ତି ରୋଗ

ମାଥିଲି, ୪।୯ (ସୁବାଷ ଚନ୍ଦ୍ର ଖୁଡୁପିଆ)



ମାଲକାନଗିରି ଜିଲା କଦମଗୁଡା ପଞ୍ଚାୟତର ଖୁରୀଗୁଡା ଗ୍ରାମ ଜୟରମା କିର୍ଷାନୀଙ୍କ ଝିଅ ସଞ୍ଜୁ(୭)। ଆଜିକୁ ୨ ବର୍ଷ ଧରି ରୋଗ ଶଯ୍ୟାରେ ପଡି ଯନ୍ତ୍ରଣା ଭୋଗୁଛନ୍ତି। ଖଇରପୁଟ ଆବାସିକ ସେବାଶ୍ରମ ବିଦ୍ୟାଳୟରେ ତୃତୀୟ ଶ୍ରେଣୀରେ ପଢୁଥିଲେ। ଏଥିଯୋଗୁ ପାଠରେ ଡୋରି ବନ୍ଧା ହୋଇଛି। ପ୍ରଥମେ ତାଙ୍କୁ ଜ୍ୱର ହେବା ପରେ ଧୀରେ ଧୀରେ ଏକ ଅଜଣା ରୋଗ ମାଡ଼ି ବସିଲା। ପ୍ରଥମେ ତାଙ୍କୁ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ଲୋକେ ଭର୍ତ୍ତି କରିଥିଲେ। ସେଠାରେ ଭଲ ନ ହେବାରୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଭଲ ନ ହେବାରୁ ଘରେ ଫେରି ଆସିଥିଲେ। ଜମିବାଡ଼ି ବନ୍ଧା ପକାଇ ଓ ସାହି ପଡିଶାଠାରୁ ଧାର କରଜ କରି କୋରାପୁଟ ନେଇଥିଲେ ସେଠାରେ କିଛି ଦିନ ରହିବା ପରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ କଟକ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ଟଙ୍କା ସବୁ ସରିଯାଇଥିଲା ତେଣୁ କୌଣସି ଉପାୟ ନ ପାଇ ଘରକୁ ନେଇ ଆସିଲେ ପରିବାର ଲୋକେ । ଏବେ ଘରେ ବିଛଣାରେ ପଡି ଛଟପଟ ହେଉଛନ୍ତି ସଞ୍ଜୁ । ରୋଗ କ'ଣ ହୋଇଛି ସ୍ଥାନୀୟ ଡାକ୍ତର ଚିହ୍ନି ପାରୁ ନାହାନ୍ତି ।

୬ ପ୍ରାଣୀଙ୍କୁ ନେଇ ଜୟରମା କିର୍ଷାନୀଙ୍କ ସଂସାର। ସରକାରୀ ସୁବିଧା କହିଲେ ମାସକୁ ୩୦ କେଜି ଚାଉଳ ମିଳୁଛି । ତାହା ମଧ୍ୟ ମାସେ ଯାଉନାହିଁ। ମା ସକାଳ ହେଲେ ପର ଘରେ ମୂଳ ଲାଗିବାକୁ ଯାଉଛନ୍ତି । ଯାହା ଦୁଇ ପଇସା ମିଳିଲେ ଚୁଲି ଜଳୁଛି । ବାପା ଜୟରାମ ଘରେ ରହି ଝିଅର ସେବା ଯତ୍ନ ନେଉଛନ୍ତି। ତାଙ୍କର ମଧ୍ୟ ଗୋଟିଏ ଆଖି ଭଲ ଥିବାବେଳେ ଅନ୍ୟ ଆଖିଟି ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ଗୋଟିଏ ପଟେ ଯନ୍ତ୍ରଣାରେ ଝିଅ ଛଟପଟ ହେଉଛି, ଅନ୍ୟପଟେ ଛଅ ପ୍ରାଣୀଙ୍କ ପେଟକୁ ଦାନା ଯୋଗାଡ କରିବାର ଚିନ୍ତା ଘାରିଛି। ଜିଲା ପ୍ରଶାସନ ଚିକିତ୍ସା ସହାୟତା ଯୋଗାଇ ଦେବା ପାଇଁ ପରିବାର ଲୋକେ ନିବେଦନ କରିଛନ୍ତି।

# ରାସ୍ତାରେ ଶୋଇଥିବା ଗୋରୁ ଉପରେ ବାଇକ୍ ଚଢାଇ ଯୁବକ ମୃତ

ମାଲକାନଗିରି, ୪।୯ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ୩୨୬ ନଂ. ଜାତୀୟ ରାଜପଥ ଇକୋ ବ୍ୟାଙ୍କ ସମ୍ମୁଖରେ ରବିବାର ରାତିରେ ରାସ୍ତାରେ ଶୋଇଥିବା ଗୋରୁ ଉପରେ ଚାଳକ ବାଇକ୍ ଚଢାଇ ଦେବା ଫଳରେ ସନ୍ନ୍ୟାସୀଗୁଡା ଗ୍ରାମର ରାଜୁ ଖିଲ ବାଇକ୍‌ରୁ ପଡି ଗୁରୁତର ହୋଇଥିଲେ। ଖବର ପାଇ ସମାଜିକକର୍ମୀ ଜି. ଶ୍ରୀନିବାସ ରାଓ ଖିଲଙ୍କୁ ଡାକ୍ତରଖାନା ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାଜୁଙ୍କର ସୋମବାର ମୃତ୍ୟୁ ହୋଇଛି। ଏହାପରେ ସ୍ଥାନୀୟ ଲୋକଙ୍କ ସହ ମିଶି ଆହତ ଗୋରୁକୁ ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିଲେ।

# ଫାଇନାଲରେ ଛତିଶଗଡର ତଙ୍ଗପାଲ ବାରିୟର୍ସ ବିଜୟୀ

## ଫୁଟ୍‌ବଲ ଖେଳାଳି ସ୍ମୃତି ମେମୋରିଆଲ କପ୍ ଉଦ୍‌ଯାପିତ

ମାଲକାନଗିରି, ୪।୯ (ଦୁର୍ଯ୍ୟୋଧନ ପାତ୍ର)

ଗତ ଏକ ସପ୍ତାହ ଧରି ମାଲକାନଗିରି ଜିଲା ସଦର ମହକୁମା ଡିଏନ୍‌କେ ଖେଳ ପଡିଆରେ ଅନୁଷ୍ଠିତ ସ୍ୱର୍ଗତ ଫୁଟବଲ ଖେଳାଳିଙ୍କ ସ୍ମୃତି ଉଦ୍ଦେଶ୍ୟରେ ମେମୋରିଆଲ କପ୍ ୨୦୨୩ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ପ୍ରତିଯୋଗିତାରେ ଛତିଶଗଡ ତଙ୍ଗପାଲ ବାରିୟର୍ସ ସହିତ ଛତିଶଗଡ ଅଶୋକ ଏଫ୍‌ସି ସହ ପ୍ରତିଯୋଗିତା ହୋଇଥିଲା। ଏଥିରେ ତଙ୍ଗପାଲ ବାରିୟର୍ସ ୩-୨ ଗୋଲରେ ବିଜୟ ଲାଭ କରଥିବା ବେଳେ ବିଜୟୀ ଦଳଙ୍କୁ ୩୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ଦଳକୁ ୨୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୋର୍ନାମେଣ୍ଟରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ବିଜେଡି ସାଧାରଣ ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା, ପୌର ପରିଷଦ ସଂଯୋଜକ ମଙ୍ଗଳା ପାଙ୍ଗୀ, ଚିତ୍ରକୋଣ୍ଡା ବ୍ଲକ ପର୍ଯ୍ୟବେକ୍ଷକ ବିଜିତ୍ ସିଂ ଭାଇ, ଜିଲା ଯୁବ ଉପ ସଭାପତି କର୍ଣ୍ଣେଶ୍ୱର ପଟଲା, ବାବୁଲା ସାହୁ, ପପୁ ସିଂ ଓ ସତ୍ୟଜିତ ଗୌଡ ଅଂଶଗ୍ରହଣ କରିଥିଲେ।



ଫୁଟବଲ ଖେଳରେ ଭାଗ ନେଇଥିବା ଖେଳାଳି ।

# ନୂତନ ଆମିଷ ବଜାର କାର୍ଯ୍ୟ ସମୀକ୍ଷା କଲା ପୌର ପ୍ରଶାସନ



ଜୟପୁର, ୪।୯ (ପବନ ପାଣିଗ୍ରାହୀ)

ଜୟପୁର ଦୈନିକ ବଜାର ପରିସରରେ ନୂତନ ଆମିଷ ବଜାର କାର୍ଯ୍ୟ ଆରମ୍ଭ ହୋଇଛି । ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୋମବାର ଏହାର ସମୀକ୍ଷା କରିଛନ୍ତି। ଏହି ଆମିଷ ବଜାରରେ ୧.୫ କୋଟି ଟଙ୍କା ବ୍ୟୟରେ ୩୫ଟି ଷ୍ଟଲ ନିର୍ମାଣ ହେବ । ଆସନ୍ତା ଫେବୃୟାରୀ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ନିର୍ବାହୀ ଅଧିକାରୀ ପଟ୍ଟନାୟକ କହିଛନ୍ତି । ଅନ୍ୟପକ୍ଷରେ ଦୈନିକ ବଜାର ଓ ମହାରାଣୀପେଟା ପଟେ ଥିବା ଗେଟକୁ ଚଉଡା କରିବାକୁ ପୌର ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ ହୋଇଛି।

# ଜିଲାପାଳଙ୍କୁ ଦାବିପତ୍ର ଦେଲେ ଛାତ୍ରୀଛାତ୍ର

## ଛାତ୍ର ସଂସଦ ନିର୍ବାଚନ

ମାଲକାନଗିରି, ୪।୯ (ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ୮ଦଫା ଦାବି ନେଇ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜିଲାରେ ଥିବା କଲେଜଗୁଡିକରେ ଛାତ୍ର ସଂସଦ ନିର୍ବାଚନ କରିବା ଲାଗି ଦାବିକରି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଜିଲା ଛାତ୍ର କଂଗ୍ରେସ ସଭାପତି ସନ୍ତୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନକୁ ଓହ୍ଲାଇଥିବା ଛାତ୍ରୀଛାତ୍ରମାନେ ଛାତ୍ର ସଂସଦ ନିର୍ବାଚନ ହେଉ ନ ଥିବାରୁ ସେମାନଙ୍କ ଦାବି ଉଚିତ ରୂପେ ଉପସ୍ଥାପନ କରିପାରୁ ନ ଥିବା ଛାତ୍ର କଂଗ୍ରେସ ଉପ ସଭାପତି ଅଶ୍ୱିନୀ ପଟ୍ଟନାୟକ ଓ ମାଲକାନଗିରି ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ପି. ନବୀନ ରାଓ କହିଛନ୍ତି। ଛାତ୍ରୀଛାତ୍ରଙ୍କ ସମସ୍ୟାକୁ ଅନୁଭବକରି ଜିଲା ଛାତ୍ର କଂଗ୍ରେସ ସେମାନଙ୍କ ଦାବିପୂରଣ ଲାଗି ଏକତ୍ର ହୋଇଥିବା ସଭାପତି ରାଓ କହିଛନ୍ତି। ଛାତ୍ରୀଛାତ୍ରଙ୍କ ଦାବିଗୁଡିକ ମଧ୍ୟରେ ଜିଲାରେ ଥିବା କଲେଜଗୁଡିକରେ ଛାତ୍ର ସଂସଦ ନିର୍ବାଚନ କରିବା, ଖାଲି ପଡିଥିବା ଅଧ୍ୟାପକ ପଦବୀ ପୂରଣ, ପାଠାଗାର ଉଦ୍‌ଘାଟନ, ଶ୍ରେଣୀଗୃହ ମରାମତି, କଲେଜକୁ ତୁରନ୍ତ ସରକାରୀ ମାନ୍ୟତା, ଖେଳପଡିଆ ଗ୍ୟାଲେରି ନିର୍ମାଣ, ବସ୍‌ଷ୍ଟାଣ୍ଡଠାରୁ ଆଦର୍ଶ ବିଦ୍ୟାଳୟ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବସ୍ ସୁବିଧା ଆଦି ଦାବି ରହିଛି। ସେମାନେ ଏହି ଦାବିପତ୍ର ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଓ ଜିଲାପାଳ ବିଶାଳ ସିଂଙ୍କୁ ପ୍ରଦାନ କରିଛନ୍ତି।




କଲେଜ ଅଧ୍ୟକ୍ଷଙ୍କୁ ଛାତ୍ରମାନେ ଦାବିପତ୍ର ଦେଉଛନ୍ତି ।

